# Akashvani, Sambalpur

# SAMBALPURI NEWS BULLETIN

## 2 April 2025- 6.47- 6.52 am.

*******************************************

ଖଡ଼ିଛୁଆଁ, ବିଦ୍ୟାଳୟ ପ୍ରବେଶ          ଆର୍ଏନ୍ୟୁ/ ସମ୍ବଲପୁର

ଆଏଜ୍‌ଠାନୁ ରାଜ୍ୟର୍ ସବୁ ପ୍ରାଥମିକ ବିଦ୍ୟାଳୟମାନ୍‌କେ ଶିଶୁବାଟିକା ପାଠ୍‌ପଢ଼ା ମୁଲ୍ ହେବା । ପାରମ୍ପାରିକ୍ ରୀତିନୀତିଥି ଛୁଆମାନ୍‌କର୍ ଖଡ଼ିଛୁଆଁ ଆଉ ବିଦ୍ୟାଳୟ ପ୍ରବେଶ୍ ଉତ୍ସବ୍ ପାଳିତ୍ ହେବା । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଭୁବ୍‌ନେଶ୍ୱର୍‌ର ବଡ଼ଗଡ଼ ହାଇସ୍କୁଲ୍ ନ ହେବାର୍‌କେ ଥିବା ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ୍‌ଥି ମୁଖ୍ୟଅତିଥି ଭାବେ ଯୋଗ୍ ଦେବେ ।

(ଭଏସ୍ ଓଭର୍- ମୁଖ୍ୟମନ୍ତ୍ରୀ)

ଖଡ଼ିଛୁଆଁ ଉତ୍ସବ୍ ଦିବସ୍ ଲାଗି ୪ ଦିନିଆ ଖାସ୍ କାର୍ଯ୍ୟକ୍ରମ୍ କରାଯିବା । ଆଏଜ୍‌ଠାନୁ ରାଏଜେ ବିଦ୍ୟାଳୟ ଆଉ ଗଣଶିକ୍ଷା ବିଭାଗ୍ ତର୍‌ଫୁ ଜାତୀୟ ଶିକ୍ଷାନୀତି ୨୦୨୦ ଲାଗୁ କରାଯିବା ।

ଯୁକ୍ତ ଦୁଇ ପରୀକ୍ଷା ଖାତାଦେଖା          ହି.ସ.

ଉଚ୍ଚମାଧ୍ୟମିକ ଶିକ୍ଷା ପରିଷଦ୍ ପରିଚାଲିତ୍ ଯୁକ୍ତ ଦୁଇ ପରୀକ୍ଷା ଖାତାଦେଖା ଆଏଜ୍‌ଠାନୁ ମୁଲ୍ ହେବା । ବଢ଼୍‌ତି ଖରାକେ ନଜର୍‌ଥି ରଖିକରି ୨ ଟା ଖେପେ ଖାତାଦେଖା ହେବା ବଲି ପରିଷଦ୍ ତର୍‌ଫୁ ନିଷ୍ପତି ନିଆଯାଇଛେ । ଇ ବଛର୍ ୩ ଲାଖ୍ ୯୩ ହଜାର୍ ୬ ଶହ ୧୬ ଝନ୍ ପରୀକ୍ଷାର୍ଥୀ ଯୁକ୍ତ ଦୁଇ ପରୀକ୍ଷା ଦେଇଥିବାର୍ ବେଲେ ପାଖାପାଖି ୧୬ ହଜାର୍ ଅଧ୍ୟାପକ ଖାତାଦେଖା କାମ୍‌ଥି ନିୟୋଜିତ ହେଇଛନ୍ ।

ରାଜ୍ୟପାଲ୍ -ଓଡ଼ିଶା ଦିବସ ଆର୍‌ଏନ୍‌ୟୁ/ ସମ୍ବଲପୁର

ଓଡ଼ିଶାର୍ ଯୁଆନ୍ ପିଢ଼ି ରାଜ୍ୟର୍ ଭବିଷ୍ୟତ୍‌ର ପ୍ରକୃତ୍ ଉତରାଧିକାରୀ ଆନ୍ ବଲି ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମ୍‌ପାଟି କହିଛନ୍ । ଗଲାକାଏଲ୍ ରାଜ୍‌ଭବନ୍ ନ ହେଇଥିବା ଓଡ଼ିଶା ଦିବସ୍ ପାଲନ୍ ସମାରୋହଥି ଯୋଗ୍ ଦେଇକରି ରାଜ୍ୟପାଲ୍ ଓଡ଼ିଶାକେ ଗୁଟେ ବିକଶିତ୍ ରାଜ୍ୟ ଭାବେ ଗଢ଼୍‌ବାର୍ ଲାଗି ଆମର୍ ପ୍ରତିବଦ୍ଧତାକେ ଅଏତ୍‌କା ବର୍‌କସ୍ କର୍‌ବାକେ ଆହ୍ବାନ୍ ଦେଇଛନ୍ । ଇ ଅବ୍‌ସରେ ଶ୍ରୀ କମ୍ଭମ୍‌ପାଟି ରାଜ୍ୟବାସୀ ଆଉ ବାହାରେ ରହୁଥିବା ଓଡ଼ିଆମାନ୍‌କୁ ଅଭିନନ୍ଦନ୍ ଆଉ

ଶୁଭେଚ୍ଛା ଜନାବାର୍ ସହେତେ ସମ୍‌କର୍ ସୁଖ ସମୃଦ୍ଧି କାମନା କରିଛନ୍ ।

ଦିଲ୍ଲୀ-ଓଡ଼ିଶା ଦିବସ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍‌ଧାନୀ ଦିଲ୍ଲୀ ନ ଗଲାକାଏଲ୍ ଓଡ଼ିଶା ଦିବସ୍ ଧୁମ୍‌ଧାମ୍‌ଥି ପାଲିତ୍ ହେଇଯାଇଛେ । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କାର୍ଯ୍ୟକ୍ରମ୍‌ଥି ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ୨୦୩୬ ମସିହାତକ୍ ସମୃଦ୍ଧ ଓଡ଼ିଶା ଗଠନ୍ ଲାଗି ରାଜ୍ୟ ଆଉ ରାଜ୍ୟବାହାରେ ରହୁଥିବା ସବୁ ଓଡ଼ିଆମାନ୍‌କୁ ଏକ୍‌ଜୁଟ୍ ହେବାର୍ ଲାଗି ଆହ୍ୱାନ୍ ଦେଇଛନ୍ । କାର୍ଯ୍ୟକ୍ରମ୍‌ଥି ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା, ରେଲ୍‌ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ୍, କେନ୍ଦ୍ର ଆଦିବାସୀ ବ୍ୟାପାର୍ ମନ୍ତ୍ରୀ ଜୁଏଲ୍ ଓରାମ୍, ପ୍ରଧାନ୍‌ମନ୍ତ୍ରୀଙ୍କର୍ ପ୍ରଧାନ୍ ସଚିବ ପି.କେ. ମିଶ୍ର ପ୍ରମୁଖ ଯୋଗ୍ ଦେଇକରି ଓଡ଼ିଶାର୍ କଳା, ସଂସ୍କୃତି ଆର୍ ପରମ୍ପରା ବାବ୍‌ଦେ କହିଥିଲେ ।

ସ୍ୱରାଷ୍ଟ୍ରମନ୍ତ୍ରୀ ଆର୍‌ଏନ୍‌ୟୁ/ ସମ୍ବଲପୁର

୨୦୨୬ ମସିହା ମାର୍ଚ୍ଚ ମାସ୍‌ତକ୍ ଦେଶ୍‌କେ ନକ୍ସଲ୍‌ମୁକ୍ତ କର୍‌ବାର୍ ଲାଗି ସର୍‌କାର୍ ସଂକଳ୍ପବଦ୍ଧ ବଲି ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା କହିଛନ୍ । ସାମାଜିକ୍ ଗଣମାଧ୍ୟମ୍‌ର ଗୁଟେ ପୋଷ୍ଟ ଜରିଏ ଶ୍ରୀ ଶାହା କହିଛନ୍, ନକ୍ସଲ୍ ପ୍ରଭାବିତ୍ ଜିଲ୍ଲାମାନ୍‌କର୍ ସଂଖ୍ୟା ୧୨ ନୁ ୬ କେ କମିଥିବାର୍ ବେଲେ ସମ୍ବେଦନ୍‌ଶୀଲ୍ ଜିଲ୍ଲାମାନ୍‌କର୍ ସଂଖ୍ୟା ୧୭ ନୁ ୬ କେ କମିଛେ । ଦେଶେ ନକ୍ସଲ୍ ଦ୍ୱାରା ବହୁତ୍ ପ୍ରଭାବିତ୍ ହେଉଥିବା ଜିଲ୍ଲାମାନ୍‌କର୍ ଭିତ୍‌ରେ ରାଜ୍ୟର୍ କଲାହାଣ୍ଡି, କନ୍ଧମାଲ୍ ଆର୍ ମାଲ୍‌କାନ୍‌ଗିରି ଜିଲ୍ଲା ରହିଥିବାର୍ ବେଲ୍‌କେ ଲଗାତାର୍ କାର୍ଯ୍ୟାନୁଷ୍ଠାନ୍ ନିଆଯିବାର୍‌ନୁ ନୂଆପଡ଼ା ଜିଲ୍ଲା ନ ମାଓ ହିଂସା କମିଛେ ।

ଅଟିଜମ୍ ସଚେତନତା ଦିବସ ଆର୍‌ଏନ୍‌ୟୁ ସମ୍ବଲପୁର୍

ଆଏଜ୍ ବିଶ୍ୱ ସ୍ୱପରାୟଣତା ବା ଅଟିଜମ୍ ସଚେତନତା ଦିବସ୍ । ଛୁଆମାନ୍‌କର୍ ନ ଦେଖାଦେଉଥିବା ଅଟିଜମ୍ ରୋଗର୍ ଲକ୍ଷଣ୍ ଆର୍ ଚିକିତ୍ସା ବାବ୍‌ଦେ ସଚେତନ୍ କର୍‌ବାର୍‌କେ ଇ ଦିବସ୍ ପାଲନ୍ କରାଯାଉଛେ । ସୂଚ୍‌ନା ଅନ୍‌ସାରେ ଫି ଶହେ ଛୁଆ ଭିତ୍‌ରେ ୫ନେ ଛୁଆ ଅଟିଜମ୍ ରୋଗ୍‌ର ଶିକାର୍ ହେସନ୍ । ଭାରତ୍ ନ ୫୦

ଲାଖ୍ ନୁ ଅଏତ୍‌କା ଛୁଆ ଅଟିଜମ୍ ରୋଗ୍ ନ ଆକ୍ରାନ୍ତ ହେଇଥିବାର୍ ଗୁଟେ ରିପୋର୍ଟଥି କୁହାଯାଇଛେ ।

ସାମାଜିକ ସୁରକ୍ଷା, ଭିନ୍ନକ୍ଷମ ସଶକ୍ତିକରଣ୍ ବିଭାଗ୍ ତର୍‌ଫୁ ଆଏଜ୍ ସଖାଲ୍‌ବେଲା ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ସମ୍ମିଲନୀ କକ୍ଷ ଠାନେ ବିଶ୍ୱ ଅଟିଜମ୍ ସଚେତନତା ଦିବସ୍ ବାବ୍‌ଦେ ଗୁଟେ ଜାତୀୟ କନ୍‌ଭେନ୍‌ସନ୍ ହେବା ।

ବନକଲାଗି ନୀତି ପୁରୀ ସମ୍ବାଦଦାତା

ଚୈତ୍ ମାସର୍ ଶୁକ୍ଲପକ୍ଷ ପଂଚ୍‌ମୀ ତିଥି ନ ଆଏଜ୍ ପୁରୀ ଶ୍ରୀମନ୍ଦିର୍ ନ ମାହାପୁରୁମାନ୍‌କର୍ ବନକଲାଗି ନୀତି ହେବା । ଦ୍ୱିତୀୟ ଭୋଗ ମଣ୍ଡପ୍ ଭୋଗ ଶେଷ୍ ହେବାର୍ ଉତ୍‌ରୁ ମନ୍ଦିର୍ ନ ଇ ଗୁପ୍ତ ନୀତି କରାଯିବା । ଇଥିର୍‌ଲାଗି ବେଲ୍‌ବୁଡ଼ର୍ ୫ ବଜୁ ରାତିର୍ ୧୦ ବଜେତକ୍ ସର୍ବସାଧାରଣ୍ ଦର୍ଶନ୍ ବନ୍ଦ୍ ରହେବା ବଲି ମନ୍ଦିର୍ ପ୍ରଶାସନ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ଭୀମସାର୍-ବେଡ୍ ଟୁ ବେଡ୍ ଅକ୍ସିଜେନ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ବୁର୍ଲା ବୀର ସୁରେନ୍ଦ୍ର ସାଏ ଆର୍ୟୁବିଜ୍ଞାନ୍ ସଂସ୍ଥାନ୍-ଢଭୀମ୍ସାର୍ ନ ଏତ୍କର ରୋଗୀମାନ୍କୁ ବେଡ୍ ଟୁ ବେଡ୍ ଅକ୍ସିଜେନ୍ ଯୁଗେଇ ଦିଆଯିବା ବଲି କର୍ତୃପକ୍ଷ ସୂଚ୍ନା ଦେଇଛନ୍ । ଭୀମ୍ସାର୍ର ସବୁ ବିଭାଗ୍କେ ଏଲ୍.ଏମ୍.ଓ. ଅକ୍ସିଜେନ୍ ପ୍ଲାଂଟ୍ନୁ ଅକ୍ସିଜେନ୍ ବ୍ୟବସ୍ଥା ସଂଯୋଗ୍ କରାଯାଇଛେ । ଯେନ୍ଥିର୍ଲାଗି ଫି' ୱାର୍ଡ୍ର ସବୁ ବେଡ୍କେ ଅକ୍ସିଜେନ୍ ସଂଯୋଗ୍ ହେଇପାରିଛେ ।

ପାଣିପାଗ ଆର୍ଏନ୍ୟୁ/ ସମ୍ବଲପୁର

ଭୁବ୍ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ରର୍ ସୂଚ୍ନା ଅନ୍ସାରେ ହପ୍ତାର୍ ଶେଷ୍ତକ୍ ରାଜ୍ୟର୍ ଭିନ୍ ଭିନ୍ ଜିଲ୍ଲା ନ କାଲ୍ବୈଶାଖୀର୍ ପ୍ରଭାବ୍ ରହେବା । କଲାହାଣ୍ଡି, ନୂଆପଡ଼ା, ବୌଦ୍ଧ, ବଲାଙ୍ଗିର୍ ବାଗିର୍ ଜିଲ୍ଲାମାନ୍କେ କାଲ୍ବୈଶାଖୀର୍ ବଲେ ଧୁକାଗର୍ଡ଼ି ସାଙ୍ଗେ ବର୍ଷା ହେବାର୍ ସମ୍ଭାବନା ରହିଛେ । ଗଲାକାଏଲ୍ ବୌଦ୍ଧ ନ ରାଜ୍ୟର୍ ସବୁନୁ ଜହ ତାପମାତ୍ରା ୪୨ ଡିଗ୍ରୀ ସେଲ୍ସିଅସ୍ ରେକର୍ଡ଼ କରାଯାଇଥିଲା ।

ସମ୍ବଲ୍ପୁର୍- ତାତି ଆର୍ଏନ୍ୟୁ/ ସମ୍ବଲପୁର

ଗଲା କିଛି ଦିନ୍ ହେଲା ରାଏଜେ ଆଉ ଖାସ୍ କରି ସମ୍ବଲ୍ପୁର୍ ସହରେ ତାତି ବଢ଼୍ବାର୍କେ ଲାଗିଛେ । ଦିନୁଦିନ୍କେ ତାପମାତ୍ରା ୪୦ ଡିଗ୍ରୀ ପାର୍ କରୁଛେ । ବଢ଼୍ତି ଖରାକେ ନଜର୍ଥି ରଖିକରି ମହାନଗର୍ ନିଗମ୍ ତର୍ଫୁ କଟ୍ରୀ ଛକ୍ଠାନେ ପିଇବାର୍ ପାଏନ୍ ବାଂଟ୍ବାର୍ କେନ୍ଦ୍ର ଥାପ୍ନା କରାଯାଇଛେ ।